## ବନ୍ଦ ବିଦ୍ୟାଳୟ ଖୋଲିବାକୁ ଦାବି

ଧରାକୋଟ,(ଡି.ଏନ୍.ଏ.):ଧରାକୋଟ ବ୍ଲକ ଅନ୍ତର୍ଗତ ଜଗମୋହନ ପଞ୍ଚାୟତର ପୁଟୁ ଗୋବର୍ଦ୍ଧନପୁର ଗ୍ରାମର ପ୍ରାଥମିକ ବିଦ୍ୟାଳୟ ବହୁ ଦିନ ପୂର୍ବରୁ ସୁଚାରୁ ରୂପେ ଚାଲି ଆସୁଥିଲା। ଏହି ବିଦ୍ୟାଳୟରୁ ବହୁ ଛାତ୍ରାଛାତ୍ର ପାଠ ପଢ଼ି ଉଚ୍ଚ ଶିକ୍ଷା ଲାଭ କରିଛନ୍ତି। କିନ୍ତୁ ଛାତ୍ରାଛାତ୍ର ଅଭାବ ଜନିତ କାରଣରୁ ଶିକ୍ଷା ବିଭାଗ ପକ୍ଷରୁ ଉକ୍ତ ବିଦ୍ୟାଳୟକୁ ବନ୍ଦ କରି ଦିଆଯାଇଛି। ଫଳରେ ଛାତ୍ରାଛାତ୍ରଙ୍କ ଭବିଷ୍ୟତ ଅନ୍ଧାରକୁ ଠେଲି ହୋଇଯାଇଛି। ଏଣୁ ଗ୍ରାମବାସୀ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ବିଦ୍ୟାଳୟ ଖୋଲିବାକୁ ଏବିଇଓ ପ୍ରଦୀପ କୁମାର ହୋତାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ସେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇବା ପାଇଁ ପ୍ରତିଶ୍ରୁତି ଦେଇଥିଲେ।

# ବ୍ରହ୍ମପୁର ମେୟର ହେବାକୁ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା

■ ନିର୍ବାଚିତ ମୁଖ୍ୟ ପଦ ପାଇଁ ୩ ଥର ପ୍ରତ୍ୟକ୍ଷ ନିର୍ବାଚନ
■ ପୌର ନିର୍ବାଚନ ପ୍ରଚାରରେ କମ୍ପୁଛି ମହାନଗର

ବ୍ରହ୍ମପୁର ଅଫିସ,୨୧।୩

ବ୍ରହ୍ମପୁର ପୌର ନିର୍ବାଚନ ପାଇଁ ସବୁ ଦଳ ଓ ସ୍ୱାଧୀନ ପ୍ରାର୍ଥୀଙ୍କ ପ୍ରଚାରରେ କମ୍ପୁଛି ମହାନଗର। ଆଉ ମାତ୍ର ୩ ଦିନ ପରେ ୨୪ ତାରିଖରେ ହେବ ମତଦାନ। ସେଥିପାଇଁ ୪୨ ୱାର୍ଡରେ ହୋଇଛି ୨୫୦ ବୁଥ୍। ମଙ୍ଗଳବାର ସନ୍ଧ୍ୟାରେ ସରିବ ନିର୍ବାଚନୀ ପ୍ରଚାର। ତେଣୁ ନେତା ଓ କର୍ମୀଙ୍କ ମଧ୍ୟରେ କିଏ ଜିତିବ ଓ ହାରିବ ସେନେଇ ଆରମ୍ଭ ହୋଇଗଲାଣି ଅଙ୍କକଷା। ସମସ୍ତ ୱାର୍ଡରେ ବିଜେଡି ପ୍ରାର୍ଥୀ ଦେଇଛି ଓ ତନ୍ମଧ୍ୟରୁ ୩ ଜଣ ନିର୍ଦ୍ୱନ୍ଦ୍ୱ ହୋଇଛନ୍ତି। ଭାଜପାର ୬ ପ୍ରାର୍ଥୀ ନାମାଙ୍କନ ପ୍ରତ୍ୟାହାର କରିଥିବାରୁ ମଇଦାନରେ ୩୬ ଅଛନ୍ତି। ସେହିପରି କଂଗ୍ରେସକୁ ୧୭ ୱାର୍ଡ ନିମନ୍ତେ କର୍ପୋରେଟର ପ୍ରାର୍ଥୀ ମିଳି ନ ଥିବାରୁ ପ୍ରତିଦ୍ୱନ୍ଦ୍ୱିତାରେ ଅଛନ୍ତି ୨୫ ଜଣ। ସ୍ୱାଧୀନ ଓ ଅନ୍ୟାନ୍ୟ ଦଳରୁ ପ୍ରାୟ ୭୦ ଜଣ ଏବେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି।

ଅପରପକ୍ଷରେ ଗୁରୁତ୍ୱପୂର୍ଣ୍ଣ ମେୟର ପଦ ପାଇଁ ବିଜେଡି, ଭାଜପା, କଂଗ୍ରେସ ଓ ଆମ୍ ଆଦ୍‌ମୀ ପାର୍ଟି ସମେତ ଆଉ ୩ ଜଣ ସ୍ୱାଧୀନ ଓ ଅନ୍ୟ ଦଳରୁ ନିର୍ବାଚନୀ ମଇଦାନକୁ ଓହ୍ଲାଇଛନ୍ତି ୭ ମହିଳା, ସମସ୍ତଙ୍କ ପ୍ରଚାର ଜୋର୍‌ଦାର ହୋଇଛି। ମେୟର ପାଇଁ ପ୍ରତ୍ୟକ୍ଷ ନିର୍ବାଚନ ହେଉଥିବାରୁ ମହିଳା ପ୍ରାର୍ଥୀନୀମାନେ ସବୁ ୱାର୍ଡ ବୁଲି ନାକେଦମ ହେବାକୁ ପଡୁଛି। ଅସମ୍ଭାଳ ତାତିରେ ସେମାନେ ସାହିକୁ ସାହି ଓ ଘର ଘର ଯାଇ ଭୋଟ ଭିକ୍ଷା କରୁଛନ୍ତି। ସୂଚନାଯୋଗ୍ୟ, ୧୫୫ ବର୍ଷର ବ୍ରହ୍ମପୁର ପୌରସଂସ୍ଥା ଓ ବର୍ତ୍ତମାନ ମହାନଗର ନିଗମରେ ତୃତୀୟ ଥର ନିର୍ବାଚିତ ମୁଖ୍ୟ ପଦ ନିମନ୍ତେ ସିଧାସଳଖ ବା ପ୍ରତ୍ୟକ୍ଷ ନିର୍ବାଚନ ହେଉଛି। ଅତୀତରେ ୧୯୬୮ରେ ନଗରପାଳ ପାଇଁ ପ୍ରଥମେ ପ୍ରତ୍ୟକ୍ଷ ନିର୍ବାଚନ ହୋଇଥିଲା। ସେତେବେଳେ ଦଳୀୟ ଚିହ୍ନ ନ ଥିଲା। ଦୁଇ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ବୃନ୍ଦାବନ ନାୟକ ଓ ସ୍ୱର୍ଗତ ପିଭି ଜଗନ୍ନାଥ ରାଓ ଘୋଡ଼ା ଓ ସିଂହ ଚିହ୍ନରେ ଲଢ଼େଇ କରିଥିଲେ। ବୃନ୍ଦାବନ ନଗରପାଳ ହୋଇଥିଲେ।

ପରବର୍ତ୍ତୀ ୧୯୯୨ ନିର୍ବାଚନରେ ଦ୍ୱିତୀୟ ଥର ନଗରପାଳ ନିମନ୍ତେ ପ୍ରତ୍ୟକ୍ଷ ନିର୍ବାଚନ ହୋଇଥିଲା। କଂଗ୍ରେସରୁ ଚନ୍ଦ୍ରଶେଖର ସାହୁ ଓ ଜନତା ଦଳରୁ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକଙ୍କ ମଧ୍ୟରେ ତୀବ୍ର ଲଢ଼େଇ ହୋଇଥିଲା। ଚନ୍ଦ୍ରଶେଖର ନଗରପାଳ ହୋଇଥିଲେ। ପୌର ନିଗମ ହେବାର ୧୪ ବର୍ଷ ପୂରିଛି ଏବଂ ପ୍ରତ୍ୟକ୍ଷ ମେୟର ନିର୍ବାଚନ ପ୍ରଥମକରି ହେଉଛି। ୩ ଦଶନ୍ଧି ପରେ ଏହି ପୌର ସଂସ୍ଥାରେ ନିର୍ବାଚିତ ମୁଖ୍ୟଙ୍କ ନିମନ୍ତେ ସିଧାସଳଖ ନିର୍ବାଚନ ହେବ। ୨୦୧୩ ନିର୍ବାଚନରେ ପରୋକ୍ଷ ଭୋଟରେ ପ୍ରଥମ ମହିଳା ମେୟର ହୋଇଥିଲେ କେ. ମାଧବୀ। ଚଳିତ ନିର୍ବାଚନରେ ଦ୍ୱିତୀୟ ମେୟର ହେବେ ମହିଳା। ତେଣୁ ୭ ମହିଳା ମଇଦାନରେ ଥିଲେ ମଧ୍ୟ ମୁଖ୍ୟତଃ ବିଜେଡି, ଭାଜପା ଓ କଂଗ୍ରେସ ମଧ୍ୟରେ ତ୍ରିମୁଖୀ ଲଢ଼େଇ ହେବା ଲକ୍ଷ୍ୟ କରାଯାଇଛି। ଅଦ୍ୟାବଧି ଏହି ୩ ଦଳର ହେଭିୱେଟ ନେତା ପ୍ରଚାରକୁ ଆସିନାହାନ୍ତି।

ବିଜେଡିର ସଂଘମିତ୍ରାଙ୍କ ପାଇଁ ବିଧାୟକ ବିକ୍ରମ ପଣ୍ଡା, ଏମ୍‌ପି ଚନ୍ଦ୍ରଶେଖର ସାହୁ, ଜିଲା ସଭାପତି ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ରାଜ୍ୟ ସମ୍ପାଦକ ସୁବାସ ମହାରଣା ପ୍ରମୁଖ ପ୍ରଚାର କରୁଛନ୍ତି। ଭାଜପା ପ୍ରାର୍ଥିନୀ ସବିତାଙ୍କ ପାଇଁ ମୁଖ୍ୟତଃ କାହ୍ନୁ ପତି, ଜିଲା ସଭାପତି ବିଭୂତି ଜେନା ପ୍ରଚାର ମଙ୍ଗ ଧରିଛନ୍ତି। କଂଗ୍ରେସର ମେୟର ପ୍ରାର୍ଥିନୀଙ୍କ ନିମନ୍ତେ ଜିଲା ସଭାପତି ରମେଶ ଜେନା ପ୍ରଚାର କରିଥିଲେ ଓ କୋର୍ଟ ଦେଇଥିବା ସମୟସୀମା ଗତ ରବିବାର ଶେଷ ହେବାରୁ ସେ ବ୍ରହ୍ମପୁର ଛାଡ଼ିବାକୁ ବାଧ ହୋଇଛନ୍ତି। ଦୋଳ ପୂର୍ଣ୍ଣିମା ଦିନ ଭାଜପାର ପ୍ରଚାର ପାଇଁ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ବ୍ରହ୍ମପୁର ଆସିଥିଲେ ମଧ୍ୟ ପ୍ରଭାବ ବିସ୍ତାର କରିପାରି ନାହାନ୍ତି। ୨୦୧୩ ନିର୍ବାଚନରେ ବିଜେଡିର ପ୍ରଚାର ନିମନ୍ତେ ଦଳ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସି ସେତେବେଳର ୪୦ଟି ଯାକ ୱାର୍ଡରେ ରୋଡ୍ ଶୋ କରିଥିଲେ। ଏଥର ସେ ଆସିବେ ନାହିଁ ଏବଂ ସ୍ଥାନୀୟ ନେତାଙ୍କୁ ଦାୟିତ୍ୱ ଦେଇଥିବା କୁହାଯାଇଛି। ତଥାପି ମେୟର ନିର୍ବାଚନରେ ଶଙ୍ଖ ଚିହ୍ନ ପ୍ରାର୍ଥୀଙ୍କ କ୍ଲିନ୍ ସୁଇପ୍ ହେବାର ବିଭିନ୍ନ ଖଟିରେ ଚର୍ଚ୍ଚା ହେଉଛି।

## ସଂକ୍ଷେପରେ

### କାଶୀନଗର ଏନ୍‌ଏସି: ୨ ବୁଥ୍ ସମ୍ବେଦନଶୀଳ

କାଶୀନଗର,୨୧।୩:କାଶୀନଗର ବିଜ୍ଞାପିତ ଅଞ୍ଚଳ ପରିଷଦରେ ୧୩ଟି ୱାର୍ଡରେ ୧୩ଟି ବୁଥ ହେବ। ସେଥିମଧ୍ୟରୁ ୱାର୍ଡ ନଂ. ୪ ଓ ୬ନଂ ବୁଥ ସମ୍ବେଦନଶୀଳ ବୋଲି ପୋଲିସ ଚିହ୍ନଟ କରିଛି। ବାରଣାସୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୧ନଂ ୱାର୍ଡ ଗୋଲାପି ବୁଥ, ୧୩ନଂ ୱାର୍ଡ ମଡ଼େଲ ବୁଥ କରାଯିବ। ଏନଏସିରେ ମୋଟ ୮,୧୪୯ ଭୋଟରଙ୍କ ମଧ୍ୟରୁ ୪,୨୪୫ ଜଣ ଓ ୩୯୦୪ ପୁରୁଷ ଭୋଟର। ଏଠାରେ ଏଥର ଅଧ୍ୟକ୍ଷ ପଦବୀ ମହିଳାଙ୍କ ନିମନ୍ତେ ସଂରକ୍ଷିତ ରହିଛି। ଅତିରିକ୍ତ ତହସିଲଦାର ଗୋପାଳକୃଷ୍ଣ ଅଧିକାରୀ ନିର୍ବାଚନ ଅଧିକାରୀ ଭାବେ ନିର୍ବାଚନ ପରିଚାଳନା କରୁଛନ୍ତି।

### ନିର୍ବାଚନ ପାଇଁ ପ୍ରଶାସନର ପ୍ରସ୍ତୁତି

ଛତ୍ରପୁର,୨୧।୩(ଡି.ଏନ୍.ଏ.):ଗଞ୍ଜାମ ଜିଲାର ସହରାଞ୍ଚଳ ନିର୍ବାଚନର ସୁପରିଚାଳନା ଲାଗି ସମସ୍ତ ବ୍ୟବସ୍ଥା କରାଯାଇଛି। ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସୋମବାର ଓସ୍ୱାନ ହଲ୍‌ଠାରେ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଅନୁଷ୍ଠିତ ବୈଠକରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଅଧ୍ୟକ୍ଷତାକରି ଜଣାଇଥିଲେ ଯେ, ଆସନ୍ତା ୨୪ ତାରିଖରେ ଜିଲାର ସମସ୍ତ ସହରାଞ୍ଚଳରେ ନିର୍ବାଚନର ସମସ୍ତ କାର୍ଯ୍ୟ ଶାନ୍ତିଶୃଙ୍ଖଳାରେ ହେବ। ସମସ୍ତ ବୁଥ୍‌ରେ ପିଇବା ପାଣି ବ୍ୟବସ୍ଥା କରାଯାଇଛି। ଦିବ୍ୟାଙ୍ଗ ଭୋଟରମାନଙ୍କ ନିମନ୍ତେ ହ୍ୱିଲ ଚେୟାର ବ୍ୟବସ୍ଥା କରାଯାଇଛି । ସମସ୍ତ ପୋଲିଂ ଟିମ୍ ୨୩ ତାରିଖ ସନ୍ଧ୍ୟା ସୁଦ୍ଧା ନିଜ ନିଜ ବୁଥ୍‌ରେ ପହଞ୍ଚିବାକୁ ନିର୍ଦ୍ଦେଶ ଦିଆଯାଇଛି। ରାଜନୈତିକ ଦଳଗୁଡ଼ିକ ୨୨ ତାରିଖ ସନ୍ଧ୍ୟା ୫ଟା ପରେ କୌଣସି ପ୍ରଚାର କରିବେ ନାହିଁ। ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶାବଳୀ ମାନିବେ। ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ପରିଚାଳନା କରିବା ଦିଗରେ ଜିଲାର ସମସ୍ତ କର୍ମଚାରୀ ଗୋଟିଏ ଟିମ୍ ଭାବେ କାର୍ଯ୍ୟ ସମ୍ପାଦନ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ । ବୈଠକରେ ଅତିରିକ୍ତ ଜିଲାପାଳ (ସାଧାରଣ) ଲୀନା କୁମାରୀ ଖେସ, ବ୍ରହ୍ମପୁର ଉପଜିଲାପାଳ ଭି.କୀର୍ତ୍ତି ଭାସନ, ଛତ୍ରପୁର ଉପଜିଲାପାଳ ନୀଳମାଧବ ଭୋଇ, ଭଞ୍ଜନଗର ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜ, ବିଡିଏ ସେକ୍ରେଟାରି ସମ୍ବିତ କୁମାର ରାଉତ, ସମସ୍ତ ତହସିଲଦାର ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀ, କାର୍ଯ୍ୟନିର୍ବାହୀ ଅଧିକାରୀ, ପୌର ନିର୍ବାହୀଗଣଙ୍କ ସମେତ ଜିଲାର ବିଭିନ୍ନ ବିଭାଗର ଅଧିକାରୀ ଓ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

### ମହିଳା ବିଜେଡି ସମାବେଶ

ହିଞ୍ଜିଳିକାଟୁ, ୨୧।୩(ଡି.ଏନ୍.ଏ):ହିଞ୍ଜିଳିକାଟୁ ପୌର ପରିଷଦ ନିର୍ବାଚନ ପ୍ରଚାର ପାଇଁ ସୋମବାର ନଗର ବିଜେଡି ପକ୍ଷରୁ ମହିଳା ସମାବେଶ ଆୟୋଜନ ହୋଇଯାଇଛି। ହିଞ୍ଜିଳିର ଏକ ଘରୋଇ କଲ୍ୟାଣ ମଣ୍ଡପରେ ଆୟୋଜିତ ସମାବେଶରେ ନଗର ସଭାନେତ୍ରୀ ବୈଜୟନ୍ତୀମାଳା ପଟ୍ଟନାୟକଙ୍କ ନେତୃତ୍ୱରେ ହୋଇଥିଲା। ଏଥିରେ ବିଜେଡି ଅଧ୍ୟକ୍ଷ ପ୍ରାର୍ଥୀ ସୁବାସ ଚନ୍ଦ୍ର ପଲେଇ ଓ ୨୧ ଦଳୀୟ ୱାର୍ଡ ସଭ୍ୟାସଭ୍ୟ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଶରତ ଚନ୍ଦ୍ର ମହାପାତ୍ର, ନଗର ସଭାପତି ଭୀମସେନ ବେହେରା, ଯୁବ ସଭାପତି ସଞ୍ଜୟ କୁମାର ପଣ୍ଡାଙ୍କ ସହ ବିଜେଡିର ବହୁ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। ସମସ୍ତ ମହିଳା ବିଜେଡିର ଅଧ୍ୟକ୍ଷ ପ୍ରାର୍ଥୀ ସୁବାସ ପଲେଇ ଓ ୱାର୍ଡ ସଭ୍ୟାସଭ୍ୟଙ୍କୁ ଭୋଟ ଦେବା ପାଇଁ ପ୍ରତି ପରିବାରଙ୍କୁ କହିବାକୁ ଆଲୋଚନା ହୋଇଥିଲା।

### ଚିକିଟିରେ ଭାଜପାର ରୋଡ୍ ଶୋ

ଚିକିଟି,୨୧।୩(ଡି.ଏନ.ଏ.):ଚିକିଟି ବିଜ୍ଞାପିତ ପରିଷଦର ନିର୍ବାଚନ ପାଇଁ ସୋମବାର ଭାଜପା ପକ୍ଷରୁ ରୋଡ ଶୋ ଓ ମୋଟରସାଇକେଲ ଶୋଭାଯାତ୍ରା କରାଯାଇଥିଲା। କରବାଲୁଆ ଛକ ନିକଟସ୍ଥ ଠାକୁରାଣୀ ମନ୍ଦିର ନିକଟରୁ ଦଳ ପକ୍ଷରୁ ପ୍ରଚାର ଆରମ୍ଭ କରି ଚିକିଟି ମୁଖ୍ୟ ବଜାର ସମେତ ଚିକିଟିଗଡର ପ୍ରତ୍ୟେକ ସାହି ଭ୍ରମଣ କରାଯାଇଥିଲା। ଏହି ରୋଡ ଶୋରେ ଭାଜପାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନୋରଞ୍ଜନ ଦ୍ୟାନସାମନ୍ତରା ଓ ରାଜ୍ୟ ଭାଜପା ମହିଳା ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟା ମିନା ଦ୍ୟାନସାମନ୍ତରା, ଭାଜପା ରାଜ୍ୟ ଉପସଭାପତି ଭୃଗୁ ବକ୍ସି ପାତ୍ର ପ୍ରମୁଖ ଯୋଗଦେଇ ଦଳୀୟ ଅଧ୍ୟକ୍ଷ ପ୍ରାର୍ଥୀ ପୁଷ୍ପାଞ୍ଜଳି ସେଠିଙ୍କ ସମେତ ୭ଜଣ କାଉନସିଲର ପ୍ରାର୍ଥୀଙ୍କ ନିମନ୍ତେ ପ୍ରଚାର କରିଛନ୍ତି ।

## ବିଜେଡି ପାଇଁ ଅର୍ଚ୍ଚିତା, ସବ୍ୟସାଚୀଙ୍କ ପ୍ରଚାର

ଫୁଲବାଣୀ ଅଫିସ, ୨୧।୩



ପ୍ରଚାର ଚାଲିଛି।

ପୌର ପରିଷଦ ନିର୍ବାଚନକୁ ଆଉ ଦୁଇ ଦିନ ବାକି ଥିବା ବେଳେ ଅଧ୍ୟକ୍ଷା ପଦବୀ ହାତେଇବାକୁ ବିଜେଡି, କଂଗ୍ରେସ ଏବଂ ଭାଜପା ଆପ୍ରାଣ ଉଦ୍ୟମ ଚଳାଇଛନ୍ତି। ଫୁଲବାଣୀରେ ଏବେ ଷ୍ଟାର କ୍ୟାମ୍ପେନରଙ୍କ ଭିଡ ଲାଗିଛି । ସୋମବାର ବିଜେଡି ପକ୍ଷରୁ ସିନେ ଅଭିନେତାଙ୍କୁ ଧରି ପ୍ରଚାର କରିଛି। ଓଡ଼ିଆ ସିନେ କଳାକାର ଅର୍ଚ୍ଚିତା, ସବ୍ୟସାଚୀଙ୍କୁ ଧରି ଏମ୍‌ପି ଅଚ୍ୟୁତ ସାମନ୍ତ ସମସ୍ତ ୧୩ଟି ଯାକ ୱାଡ ବୁଲି ଅଧ୍ୟକ୍ଷା ପ୍ରାର୍ଥୀ ପୁନମ କହଁର ଏବଂ କାଉନସିଲରଙ୍କ ପାଇଁ ଭୋଟ ଭିକ୍ଷା କରଛନ୍ତି। ରାତିରେ ବିଜୁ ପଟ୍ଟନାୟକ ଛକରେ ଦଳ ପକ୍ଷରୁ ଏକ ସାଧାରଣ ସଭା କରାଯାଇ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଭୋଟରଙ୍କୁ ଅବଗତ କରାଯାଇଥିଲା । ଅନ୍ୟପକ୍ଷରେ କଂଗ୍ରେସର ଷ୍ଟାର କ୍ୟାମ୍ପେନର ନ ଥିଲେ ମଧ୍ୟ ଦଳୀୟ କର୍ମୀ, ନେତା, ପୂର୍ବତନ ଏମ୍‌ପି ଏବଂ ବିଧାୟକଙ୍କୁ ଧରି ଅଧ୍ୟକ୍ଷା ପ୍ରାର୍ଥୀ ସବିତା ମହାନ୍ତି ଭୋଟ ଭିକ୍ଷା କରଛନ୍ତି।

## ଛତ୍ରପୁରରେ ବିଜେଡିର ରୋଡ ଶୋ'

### ମୁଖ୍ୟ ଆକର୍ଷଣ ସିନେ ତାରକା ଏଲିନା, ସମ୍ବିତ

ଛତ୍ରପୁର,୨୧।୩(ଡି.ଏନ.ଏ.)

ଛତ୍ରପୁର ସହରରେ ବିଜେଡି ଅଧ୍ୟକ୍ଷା ପ୍ରାର୍ଥିନୀ, କାଉନସିଲର ପ୍ରାର୍ଥିନୀ, ପ୍ରାର୍ଥୀମାନଙ୍କ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବ ଡ.ଗୋପବନ୍ଧୁ ଦାସ, ସ୍ଥାନୀୟ ବିଧାୟକ ସୁବାସ ଚନ୍ଦ୍ର ବେହେରା ରୋଡ ଶୋ' ମାଧ୍ୟମରେ ପ୍ରଚାରକୁ ଜୋରଦାର କରିଛନ୍ତି। ଏଥିସହ ଭୋଟରଙ୍କୁ ଆକୃଷ୍ଟ କରିବା ନିମନ୍ତେ ସିନେ ଅଭିନେତ୍ରୀ ଏଲିନା ସାମନ୍ତରାୟ ଓ ଅଭିନେତା ସମ୍ବିତ ଆଚାର୍ଯ୍ୟ ମଧ୍ୟ ସହରର ବିଭିନ୍ନ ୱାର୍ଡରେ ବୁଲି ବିଜେଡି ପ୍ରାର୍ଥୀଙ୍କ ନିମନ୍ତେ ପ୍ରଚାର କରିଛନ୍ତି । ରୋଡ ଶୋରେ ଛତ୍ରପୁର ନଗର ବିଜେଡି ସଭାପତି ବି. ରାଜୁବାବୁ, ଉପସଭାପତି ଅଟଳ ବିହାରୀ ପଟ୍ଟନାୟକ, ଯୁବ ସଭାପତି ଟି. ଚନ୍ଦ୍ର ଶେଖର ରାଓ, ଜିଲା ପରିଷଦ ସଭ୍ୟ ଏମ. ଧନଞ୍ଜୟ ରେଡ୍ଡି, ଅହିଭୂଷଣ ସାହୁ, ପୂର୍ବତନ କାଉନସିଲର ରାଜେଶ କୁମାର ସାହୁ, କିଶୋର ଚନ୍ଦ୍ର ସେନାପତି, ବାଦଲ କୁମାର ପାଣ୍ଡି, ପୂର୍ବତନ ଏନଏସି ଉପାଧ୍ୟକ୍ଷ ପ୍ରଦୋଶ କୁମାର ବେହେରାଙ୍କ ସମେତ କାଉନସିଲର ପ୍ରାର୍ଥିନୀ ଓ ପ୍ରାର୍ଥୀମାନେ ଏବଂ ଦଳର ନେତା ଓ କର୍ମୀମାନେ ସାମିଲ ଥିଲେ ।



ବିଡେଜି ନେତା ଓ ସିନେ କଳାକାରଙ୍କ ସହ ପ୍ରାର୍ଥୀ ରୋଡ ଶୋ କରୁଛନ୍ତି ।

## ପୁରୁଷୋତ୍ତମପୁରରେ ବିଜେଡିର ରୋଡ୍ ଶୋ



ଶୋଭାଯାତ୍ରାରେ ଷ୍ଟାର କ୍ୟାମ୍ପେନରଙ୍କ ସହ ଅଧ୍ୟକ୍ଷା ପ୍ରାର୍ଥୀ ରଶ୍ମିରେଖା ତ୍ରିପାଠୀ ଓ କାଉନସିଲର ପ୍ରାର୍ଥୀମାନେ।

ପୁରୁଷୋତ୍ତମପୁର,୨୧।୩(ଡି.ଏନ୍.ଏ.)

ପୁରୁଷୋତ୍ତମପୁର ଏନ୍‌ଏସି ନିର୍ବାଚନ ଲାଗି ବିଜେଡି ପକ୍ଷରୁ ସୋମବାର ବାଇକ୍ ଶୋଭାଯାତ୍ରାରେ ସମସ୍ତ ୧୪ ୱାର୍ଡରେ ରୋଡ୍ ଶୋ କରାଯାଇଥିଲା। ଷ୍ଟାର କ୍ୟାମ୍ପେନରମାନେ ଓଡ଼ିଆ ସିନେ ଅଭିନେତ୍ରୀ ବୋମିକା ଦାଶ, ଆସିକା ଏମ୍‌ପି ପ୍ରମିଳା ବିଷୋୟୀ, ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, ଖଲ୍ଲିକୋଟ ବ୍ଲକ ଅଧ୍ୟକ୍ଷ ଦୈତାରି ବେହେରା ଆସି ରୋଡ୍ ଶୋ ମାଧ୍ୟମରେ ବିଭିନ୍ନ ସ୍ଥାନରେ ପଥପ୍ରାନ୍ତ ସଭା କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ବୁଝାଇଥିଲେ। ବିଜେଡିର ଅଧ୍ୟକ୍ଷ ପ୍ରାର୍ଥୀ ରଶ୍ମିରେଖା ତ୍ରିପାଠୀଙ୍କ ସହ ଦଳୀୟ କାଉନସିଲର ପ୍ରାର୍ଥୀମାନଙ୍କ ଲାଗି ପ୍ରଚାର କରିଥିଲେ। ଏଥିରେ ପୂର୍ବତନ ନଗରପାଳ ବାସୁଦେବ ମହାପାତ୍ର, ନଗର ବିଜେଡି ସଭାପତି ପ୍ରଭାତ କୁମାର ପଟ୍ଟନାୟକ, ନଗର ଯୁବ ବିଜେଡି ସଭାପତି ମନୋଜ କୁମାର ଗୌଡ଼, ଜିଲା ଯୁବ ବିଜେଡିର ସମ୍ପାଦକ ପ୍ରେମାନନ୍ଦ ସାହୁ ଯୋଗଦେଇଥିଲେ। ସେହିପରି ଭାଜପା ପକ୍ଷରୁ ବାଇକ୍ ରାଲିରେ ଲେଖାଶ୍ରୀ ସାମନ୍ତସିଂହାର, ଅନିତା ପ୍ରିୟଦର୍ଶିନୀ, ମହେଶ ମହାନ୍ତି, ଅରୁଣ ପଣ୍ଡା, ରାଘବ ପ୍ରସାଦ ପଟ୍ଟନାୟକ, ଅଭିନେତ୍ରୀ ସନା ଦାଶ ଦଳୀୟ ଅଧ୍ୟକ୍ଷା ପ୍ରାର୍ଥିନୀ ପ୍ରଭାତୀ ପଟ୍ଟନାୟକ ଓ କାଉନସିଲର ପ୍ରାର୍ଥୀଙ୍କ ନିମନ୍ତେ ପ୍ରଚାର କରିଥିଲେ।

### ଲେଖାଶ୍ରୀ, ଅନୀତାଙ୍କ ପ୍ରଚାର

ହିଞ୍ଜିଳିକାଟୁ,୨୧।୩(ଡି.ଏନ୍.ଏ)

ଭାଜପା ପକ୍ଷରୁ ପୌର ନିର୍ବାଚନ ପ୍ରଚାର ପାଇଁ ସୋମବାର ଭାଜପା ରାଜ୍ୟ ପ୍ରବକ୍ତା ଡ. ଲେଖାଶ୍ରୀ ସାମନ୍ତସିଂହାର ଓ ରାଜ୍ୟ ଉପସଭାନେତ୍ରୀ ଅନୀତା ଶୁଭଦର୍ଶିନୀ ପ୍ରଚାର ମଙ୍ଗ ଧରିଥିଲେ। ଦଳୀୟ ଅଧ୍ୟକ୍ଷ ପ୍ରାର୍ଥୀ ସନ୍ତୋଷ କୁମାର ପାଣିଗ୍ରାହୀ ଓ ୱାର୍ଡସଭ୍ୟାସଭ୍ୟଙ୍କୁ ଭୋଟ ଦେବା ପାଇଁ ୨ ନେତ୍ରୀ ସହରରେ ରୋଡ ଶୋ କରିଥିଲେ। ଦଳୀୟ କର୍ମୀମାନେ ଉଭୟ ନେତ୍ରୀଙ୍କ ସହ ବାଇକ୍ ରାଲି କରିଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶିଶିର ମିଶ୍ର, ଇ. ରାମ ପ୍ରସାଦ ପାତ୍ର ପରିଚାଳନା କରିଥିଲେ।

## ନିର୍ବାଚନ ପ୍ରଚାରରେ କମ୍ପୁଛି ସହର

ପାରଳାଖେମୁଣ୍ଡି,୨୧।୩(ଡି.ଏନ.ଏ.)

ପୌର ନିର୍ବାଚନ ଲାଗି ପାରଳାଖେମୁଣ୍ଡି ସହର କମ୍ପୁଛି। ବିଶେଷକରି ୩ ପ୍ରମୁଖ ଦଳ ବିଜେଡି, ଭାଜପା ଓ କଂଗ୍ରେସ ପ୍ରାର୍ଥୀନୀପ୍ରାର୍ଥୀମାନଙ୍କ ମାଇକ ଓ ଡିଜେ ପ୍ରଚାରରେ ସହର କମ୍ପିବାରେ ଲାଗିଛି । ୩ ଦଳର ମଙ୍ଗୁଆଳମାନେ ନିଜ ନିଜ ଦଳକୁ ନିର୍ବାଚନ ବୈତରଣୀ ପାର କରାଇବା ଲାଗି ସ୍ଥାନୀୟ ସମସ୍ୟା ସମାଧାନ କରିବାର ପ୍ରତିଶ୍ରୁତି ଦେଉଛନ୍ତି। ପ୍ରଚାର ମଇଦାନରେ କଂଗ୍ରେସ ଦଳ ପଛୁଆ ଥିବା ବେଳେ ବିଜେଡି ଓ ଭାଜପା ମଧ୍ୟରେ କଡ଼ା ଟକ୍କର ଦେଖିବାକୁ ମିଳୁଛି। ବିଜେଡି ପାଇଁ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ଜିଲା ସଭାପତି ପ୍ରଦୀପ ନାୟକ,ଜିଲା ଯୁବ ସଭାପତି ଏସ ଲିଙ୍ଗରାଜ, ଉପସଭାପତି ଲକ୍ଷ୍ମୀକାନ୍ତ ପରିଚ୍ଛା, ମହିଳା ଉପସଭାନେତ୍ରୀ ସଂଯୁକ୍ତା ବେହେରାଙ୍କ ସମେତ ଡ.ତିରୁପତି ପାଣିଗ୍ରାହୀ, ପୂର୍ବତନ ବିଜେଡି ସଭାପତି ବସନ୍ତ ଦାସ ପ୍ରମୁଖ ପ୍ରଚାର ଚଳାଇଛନ୍ତି । ସେହିପରି ଭାଜପା ପାଇଁ ପାରଳାଖେମୁଣ୍ଡି ବିଧାୟକ କେ.ନାରାୟଣ ରାଓଙ୍କ ସମେତ ଜିଲା ନେତୃବୃନ୍ଦ ସହରର ସମସ୍ତ ୱାର୍ଡକୁ ଯାଇ ଭୋଟ ଭିକ୍ଷା କରୁଥିବା ଲକ୍ଷ୍ୟ କରାଯାଉଛି। କଂଗ୍ରେସ ଦଳ ପାଇଁ ଷ୍ଟାର ପ୍ରଚାରକ ନଥିବା ବେଳେ ପ୍ରାର୍ଥୀ/ପ୍ରାର୍ଥୀନୀ ମାନେ ନିଜେ ଦଳୀୟ କର୍ମୀଙ୍କୁ ନେଇ ପ୍ରଚାର କରୁଛନ୍ତି । ବାମପନ୍ଥୀ ଦଳ ପାଇଁ ଜେନା ସୁବାସଚନ୍ଦ୍ର ରାଓ ଓ ଆପ୍ ପାଇଁ ଶିଶିର କୁମାର ଭଞ୍ଜସାମନ୍ତରାୟ ନିଜ ନିଜ ଦଳ ପାଇଁ ପ୍ରଚାର ମଙ୍ଗୁଆଳ ସାଜିଛନ୍ତି। ଏହି ଦୁଇ ଦଳ ସୀମିତ ୱାର୍ଡରେ ପ୍ରାର୍ଥୀ ଦେଇଛନ୍ତି । ସହରର ସମସ୍ତ ୧୬ଟି ୱାର୍ଡର ୩୬,୦୭୪ ଭୋଟରଙ୍କୁ ନେଇ ଆକଳନ ଜାରି ରଖିଛନ୍ତି ବିଭିନ୍ନ ଦଳ । ତେବେ ମାର୍ଚ୍ଚ ୨୬ରେ ମତଗଣତି ପରେ ସବୁକିଛି ସ୍ପଷ୍ଟ ହୋଇଯିବ ।

## ୨୬ନଂ. ୱାର୍ଡରେ ଭାଜପା ପ୍ରାର୍ଥୀଙ୍କ ପ୍ରଚାର



ଭାଜପା ପ୍ରାର୍ଥୀଙ୍କ ଭୋଟ ପ୍ରଚାର ।

ବ୍ରହ୍ମପୁର ଅଫିସ,୨୧।୩

ବିଏମସିର ୨୬ନଂ. ୱାର୍ଡରେ ସର୍ବାଧିକ ୧୧ ଜଣ କର୍ପୋରେଟର ପ୍ରାର୍ଥୀ ନିର୍ବାଚନ ଲଢୁଛନ୍ତି। ସେମାନଙ୍କ ମଧ୍ୟରେ ଭାଜପା, ବିଜେଡି, କଂଗ୍ରେସ ସମେତ ସ୍ୱାଧୀନ ପ୍ରାର୍ଥୀ ଅଛନ୍ତି। ଗୋଷାଣୀନୂଆଗାଁ ଅଞ୍ଚଳର ଏହି ୱାର୍ଡରେ ଦୁଇଜଣ ପୂର୍ବତନ କାଉନସିଲର ଓ କର୍ପୋରେଟର ମଇଦାନରେ ଥିବା ବେଳେ ଭାଜପାର ଯୁବନେତା ସୁନିଲ ପାତ୍ର ଟକ୍କର ଦେଉଛନ୍ତି। ମୁଖ୍ୟତଃ ବିଜେଡିର ପ୍ରାର୍ଥିନୀଙ୍କୁ ଭାଜପା ପ୍ରାର୍ଥୀ କଡ଼ା ମୁକାବିଲା କରୁଛନ୍ତି। ପ୍ରାର୍ଥୀମାନଙ୍କ ନିର୍ବାଚନୀ ପ୍ରଚାର ଘମାଘୋଟ ହୋଇଛି। ସମଗ୍ର ଅଞ୍ଚଳରେ ନାନା ଢ଼ଙ୍ଗରେ ଭୋଟରଙ୍କୁ ମନାଇବା ଲାଗି ଉଦ୍ୟମ ଚାଲିଛି। ତେବେ ଭାଜପା ପ୍ରାର୍ଥୀ ପ୍ରଚାରରେ ଆଗୁଆ ଥିବା ଜଣାପଡିଛି। ମଙ୍ଗଳବାର ଶେଷ ଦିନରେ ପ୍ରଚାର ପାଇଁ ରଣନୀତି ପ୍ରସ୍ତୁତ କରାଯାଇଛି।

## ୨୪ ଘଣ୍ଟିଆ ଜଳ ଯୋଗାଣ ପ୍ରତିଶ୍ରୁତି ଦେଲା ବିଜେଡି

ବ୍ରହ୍ମପୁର ଅଫିସ,୨୧।୩

ବ୍ରହ୍ମପୁର ମହାନଗର ବିଜେଡି ପକ୍ଷରୁ ସୋମବାର ଖଲ୍ଲିକୋଟ ଷ୍ଟାଡିୟମରେ ଏକ ନିର୍ବାଚନୀ ସଭା ହୋଇଯାଇଛି। ଅତିଥି ରୂପେ ନଗର ଉନ୍ନୟନ, ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ଯୋଗ ଦେଇଥିଲେ। ବ୍ରହ୍ମପୁରକୁ ମୁଖ୍ୟମନ୍ତ୍ରୀ ଆଦର୍ଶ ସହର କରିଛନ୍ତି। ପୌର ନିର୍ବାଚନ ପରେ ସହରର ପ୍ରତି ଘରକୁ ୨୪ଘଣ୍ଟିଆ ପାନୀୟ ଜଳ ଯୋଗାଣ ହେବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ସହରର ରାସ୍ତା, ଡ୍ରେନ୍ , ଏଲଇଡି ଷ୍ଟ୍ରିଟ ଲାଇଟ, ସ୍ମାର୍ଟ ଶ୍ମଶାନ, ସ୍ୱେରେଜ ଟ୍ରିଟମେଣ୍ଟ ପ୍ଲାଣ୍ଟ, ବାହାନା ଓ ସାପୁଆ ନାଳ ପୁନରୁଦ୍ଧାର, ଲୋଚାପଡା ଓ ଗୁଡସେଡ ରୋଡଠାରେ ସ୍ମାର୍ଟପାର୍କ, ୧୫୦ଟି ଛୋଟ ପାର୍କ, ମାର୍କେଟ କମ୍ପ୍ଲେକ୍ସ, ପୋଖରୀ ସୌନ୍ଦର୍ଯ୍ୟକରଣ, ମିଶନ ଶକ୍ତି ହବ, ଗେଟ ବଜାର ଓ କୋର୍ଟପେଟାଠାରେ ଫ୍ଲାଏ ଓଭର ବ୍ରିଜ ଓ ୧୭୪ଟି ବସ୍ତିର ଉନ୍ନତିକରଣ କରାଯିବାକୁ ଯୋଜନା ରହିଥିବା ମନ୍ତ୍ରୀ କହିଥିଲେ। ଅନ୍ୟତମ ଅତିଥି ରୂପେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଓ ବିଜେଡି ରାଜ୍ୟ ଉପସଭାପତି ଦେବୀ ମିଶ୍ର ଯୋଗ ଦେଇଥିଲେ। ଏମପି ଚନ୍ଦ୍ରଶେଖର ସାହୁ, ବିଧାୟକ ବିଧାୟକ ବିକ୍ରମ ପଣ୍ଡା, ପୂର୍ବତନ ବିଧାୟକ ଡା.ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ପୂର୍ବତନ ବିଡିଏ ଅଧ୍ୟକ୍ଷ ସୁବାଷ ଚନ୍ଦ୍ର ମହାରଣା, ମେୟର ପ୍ରାର୍ଥୀ ସଂଘମିତ୍ରା ଦଳେଇଙ୍କ ସମେତ ୪୨ଟି ୱାର୍ଡର କର୍ପୋରେଟର ପ୍ରାର୍ଥୀ ଉପସ୍ଥିତ ଥିଲେ। ଏହି ଅବସରରେ ବିଜେଡି ଅପ୍ରତିଦ୍ୱନ୍ଦ୍ୱୀ କର୍ପୋରେଟର ପ୍ରାର୍ଥୀ ସୁରେନ୍ଦ୍ର କୁମାର ମହାରଣା, ଆର.ପାୱନୀ ଓ ସମୀର କୁମାର ମିଶ୍ରଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ମହାନଗର ବିଜେଡି ସଭାପତି ବିଜୟ ସାମଲ ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଜେଡି ମୁଖପାତ୍ର ତୁମ୍ବନାଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଅପ୍ରତିଦ୍ୱନ୍ଦ୍ୱି କର୍ପୋରେଟରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

## ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ

କାଶୀନଗର,୨୧।୩

କାଶୀନଗର ଓ ପାରଳାଖେମୁଣ୍ଡି ଦୁଇଟି ଜାଗାରେ ପୌର ନିର୍ବାଚନ ଆଗାମୀ ୨୪ ତାରିଖରେ ଅନୁଷ୍ଠିତ ହେବ। ଉକ୍ତ ନିର୍ବାଚନ ପରିଚାଳନା ପାଇଁ ଯେଉଁ ପ୍ରିଜାଇଡିଂ ଅଧିକାରୀ ଓ ପୋଲିସ ଅଧିକାରୀମାନେ ବୁଥରେ ନିର୍ବାଚନ ଦାୟିତ୍ୱ ଦେଇଛନ୍ତି ତାହା ନିର୍ବାଚନ ଆଚରଣ ବିଧିର ବିରୁଦ୍ଧାଚରଣ କରୁଛି। ଜଣାଯାଇଛି ଯେ, ଉକ୍ତ ଏନଏସି ଓ ମ୍ୟୁନିସିପାଲିଟିର କର୍ମଚାରୀମାନେ ଯେଉଁମାନେ ନିର୍ବାଚନ ପରିଚାଳନା କରିବେ ସେହି କର୍ମଚାରୀମାନେ ନିଜ ଗ୍ରାମବାସୀ ଅଟନ୍ତି। ଜନ୍ମସ୍ଥାନ କିମ୍ବା କର୍ମସ୍ଥଳୀରେ ନିର୍ବାଚନ ଦାୟିତ୍ୱ ଦିଆଯିବ ନାହିଁ। କିନ୍ତୁ ଏଠାରେ ତାହା ବ୍ୟତିକ୍ରମ ଘଟିଥିବା ଜଣାପଡ଼ିଛି। ସୁସ୍ଥ ତଥା ନିର୍ମଳ ଭୋଟଦାନ ନିମନ୍ତେ ନିର୍ବାଚନ କମିଶନ ଦୃଷ୍ଟି ଦେବାକୁ ଦାବି ହେଉଛି।

## ଏନ୍‌ଏସି ପୌର ନିର୍ବାଚନ କ୍ଲିନ୍ ସୁଇପ ଲକ୍ଷ୍ୟରେ ବିଜେଡି

ଗଞ୍ଜାମ,୨୧।୩(ଡି.ଏନ୍.ଏ.)

୧୨ ୱାର୍ଡକୁ ନେଇ ଗଠିତ ଗଞ୍ଜାମ ଏନ୍‌ଏସିରେ ବିଜେଡି ବ୍ୟତୀତ ଅନ୍ୟ କୌଣସି ରାଜନୈତିକ ଦଳ ସମସ୍ତ ୱାର୍ଡରେ ପ୍ରାର୍ଥୀ ଦେବାରେ ସକ୍ଷମ ହୋଇନାହିଁ। ଭାଜପା ଯେଉଁଠି ପ୍ରାର୍ଥୀ ଦେଇଛି ସେଠାରେ କେହି ସ୍ୱାଧୀନ ପ୍ରାର୍ଥୀ ନାହାନ୍ତି। ତେଣୁ ଭାଜପା ଓ ସ୍ୱାଧୀନ ପ୍ରାର୍ଥୀଙ୍କ ମଧ୍ୟରେ ଭିତିରି ସଲାସୁତରା ହୋଇଥିବା ଆଲୋଚନା ଜୋର ଧରିଛି। ତଥାପି ଏହି ପୌର ନିର୍ବାଚନରେ ବିଜେଡି କ୍ଲିନ୍ ସୁଇପ କରିବ ବୋଲି ଚର୍ଚ୍ଚା ଜୋର ଧରିଛି। ପ୍ରଚାର ମଙ୍ଗ ଧରିଛନ୍ତି ଖୋଦ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା। ଅଧ୍ୟକ୍ଷ ପଦ ପାଇଁ ବିଜେଡି, ଭାଜପା, କଂଗ୍ରେସ ଏବଂ ସ୍ୱାଧୀନ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ଅଛନ୍ତି। ବିଜେଡିରୁ ଏନ୍‌ଏସି ଯୁବ ସଭାପତି ସୁଧୀର କୁମାର ପାଢ଼ୀଙ୍କ ଭଉଣୀ ଝୁଲି ପାତ୍ର ଦଳୀୟ ଟିକେଟରୁ ଅଧ୍ୟକ୍ଷା ପ୍ରାର୍ଥିନୀ ଭାବେ ନିର୍ବାଚନ ଲଢୁଛନ୍ତି। ଭିଜିଲାନ୍ସର ଶିକାର ହୋଇ ସରକାରଙ୍କ ପକ୍ଷରୁ ବାଧ୍ୟତାମୂଳକ ଅବସରପ୍ରାପ୍ତ ଅଧୀକ୍ଷଣ ଯନ୍ତ୍ରୀ ବିନୋଦ ପାଢ଼ୀଙ୍କ ସ୍ତ୍ରୀ ପ୍ରତିଭା ପାଢ଼ୀ ସ୍ୱାଧୀନ ପ୍ରାର୍ଥୀ ହୋଇଛନ୍ତି। ଆସନ୍ତା ୨୬ରେ ଭୋଟ ଗଣତି ପରେ ଏନ୍‌ଏସିକୁ କେଉଁ ଦଳ ଅକ୍ତିଆର କରୁଛି ଜଣାପଡିବ। ଅନ୍ୟପଟେ ଗଞ୍ଜାମ ସହରାଞ୍ଚଳରେ ବିଜେଡି ପକ୍ଷରୁ ନିର୍ବାଚନୀ ପ୍ରଚାର ଅଭିଯାନରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ଓ ଷ୍ଟାର ପ୍ରଚାରକ ଆଲବମ ଅଭିନେତ୍ରୀ ଅଙ୍କିତା ଭୂମି ଏକ ବିରାଟ ବାଇକ ଶୋଭାଯାତ୍ରାରେ ବିଭିନ୍ନ ୱାର୍ଡ ପରିକ୍ରମା କରିବା ସହ ପଥପ୍ରାନ୍ତ ସଭାରେ ବିଜେଡିକୁ ବିପୁଳ ସଂଖ୍ୟାରେ ଭୋଟଦେଇ ଜୟଯୁକ୍ତ କରିବାକୁ ଆହ୍ୱାନ ଦେଇଥିଲେ।

## ବୁଗୁଡା ଏନ୍‌ଏସି ଅଧ୍ୟକ୍ଷ ନିର୍ବାଚନ
## ଲଢ଼େଇରେ ସୀମାଞ୍ଚଳ, ପ୍ରତାପ ଓ ଚିତ୍ରସେନ

ବୁଗୁଡ଼ା,୨୧।୩(ଡି.ଏନ୍.ଏ.)

ବୁଗୁଡ଼ା ଏନ୍‌ଏସି ଅଧ୍ୟକ୍ଷ ନିର୍ବାଚନ ପାଇଁ ବିଜେଡିରୁ ଚିତ୍ରସେନ ପ୍ରଧାନ, ଭାଜପାରୁ ପ୍ରତାପ ଚନ୍ଦ୍ର ନାୟକ, କଂଗ୍ରେସରୁ ସୀମାଞ୍ଚଳ ଖଟେଇ ଏବଂ ସ୍ୱାଧୀନ ପ୍ରାର୍ଥିନୀ ଡି.ରେଶମା ପାତ୍ର ପ୍ରାର୍ଥୀ ରହିଛନ୍ତି। ସ୍ୱାଧୀନ ପ୍ରାର୍ଥିନୀ ରେଶମା ନିଜ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିବାକୁ ଚାହୁଁଥିଲେ ହେଁ ଅସ୍ୱାଭାବିକ ପରିସ୍ଥିତିରେ ପଡି ତାହା କରି ନ ପାରି ସେ ଏବେ ଅଧ୍ୟକ୍ଷ ଦୌଡ଼ରେ ନ ଥିବା ଦେଖାଯାଉଛି। ଫଳରେ ଅଧ୍ୟକ୍ଷ ପଦବୀ ପାଇଁ ବିଜେଡି, କଂଗ୍ରେସ ଓ ଭାଜପା ପ୍ରାର୍ଥୀଙ୍କ ମଧ୍ୟରେ ତ୍ରିକୋଣୀୟ ଲଢ଼େଇ ସୃଷ୍ଟି ହୋଇଛି। ନିର୍ବାଚନ ପ୍ରଚାରରେ ବିଜେଡି ଓ ଭାଜପା ପ୍ରାର୍ଥୀ ସେମାନଙ୍କର ରଣକୌଶଳ ଜୋର୍‌ଦାର କରୁଥିବା ବେଳେ କଂଗ୍ରେସ ପ୍ରାର୍ଥୀଙ୍କ ଭୋଟ ଭିକ୍ଷାରେ ଶିଥିଳତା ଦେଖାଦେଇଛି। ତେବେ ଚଳିତ ନିର୍ବାଚନରେ ଅଧ୍ୟକ୍ଷ ଚୟନରେ ଏନ୍‌ଏସିର ୧୨,୭୨୫ ଭୋଟରଙ୍କ ମତ ନିର୍ଣ୍ଣାୟକ ହୋଇଥିବା ବେଳେ ଦେଖିବାକୁ ବାକି ରହିଲା ଯେ ଅଧ୍ୟକ୍ଷ ମୁକୁଟ କିଏ ପିନ୍ଧୁଛି।

## ୨ରେ ଛତ୍ରପୁର ବ୍ଲକ ଅଧ୍ୟକ୍ଷ ନିର୍ବାଚନ

ଛତ୍ରପୁର,୨୧।୩(ଡି.ଏନ.ଏ.)

ଗଞ୍ଜାମ ଜିଲ୍ଲା ଛତ୍ରପୁର ବ୍ଲକ ଅଧ୍ୟକ୍ଷ ପଦବୀ ପାଇଁ ଏପ୍ରିଲ ୨ ତାରିଖରେ ଭୋଟ ଗ୍ରହଣ ହେବ। ସେହିଦିନ ଭୋଟ ଗଣତି ଓ ପରେ ଫଳାଫଳ ଘୋଷଣା ହେବ। ସେହିପରି ଛତ୍ରପୁର ବ୍ଲକ ଉପାଧ୍ୟକ୍ଷ ପଦବୀ ପାଇଁ ଏପ୍ରିଲ ୧୩ରେ ଭୋଟ ଗ୍ରହଣ ହେବ। ସେହିଦିନ ଭୋଟ ଗଣତି ପରେ ଫଳାଫଳ ଘୋଷଣା ହେବ। ସୂଚନାଯୋଗ୍ୟ, ଗତ ୧୨ ତାରିଖରେ ୫ ସମିତିସଭ୍ୟ କରୋନାରେ ଆକ୍ରାନ୍ତ ହେବା ପରେ ଛତ୍ରପୁର ବ୍ଲକ ଅଧ୍ୟକ୍ଷ ନିର୍ବାଚନକୁ ସ୍ଥଗିତ ରଖାଯାଇଥିଲା।

